# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 10 March – 2026

---

# ଧାନକ୍ରୟ

ଚଳିତ ରବିରତୁ ପାଇଁ ରାଜ୍ୟ ସରକାର ଚାଷୀମାନଙ୍କ ଠାରୁ ଧାନ କ୍ରୟ କରିବେ । ଧାନ ବିକ୍ରି ପ୍ରକ୍ରିୟାରେ ସାମିଲ ହେବା ଲାଗି ଚାଷୀମାନେ ଆଜିଠାରୁ ନୂତନ ଭାବେ ପଞ୍ଜିକରଣ କିମ୍ବା ପୂର୍ବରୁ ପଞ୍ଜିକୃତ ଚାଷୀ ନବୀକରଣ ନିମନ୍ତେ ଆବେଦନପତ୍ର ଦାଖଲ କରିପାରିବେ । ସୂଚନା ଅନୁଯାୟୀ ଆଜିଠାରୁ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଆବେଦନପତ୍ର ଉପଲବ୍ଧ ହେଉଥିବାବେଳେ ଚଳିତମାସ ୨୫ତାରିଖ ସୁଦ୍ଧା ଦାଖଲ କରାଯାଇପାରିବ । ଆସନ୍ତା ମଇ ୧ ତାରିଖରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଧାନ ସଂଗ୍ରହ କରାଯିବ । ଆବେଦନ ପତ୍ର ଦାଖଲ ସମ୍ପର୍କରେ ସହାୟତା ପାଇଁ ୧୯୬୭ ଦେୟମୁକ୍ତ ନମ୍ବରରେ ଯୋଗାଯୋଗ କରାଯାଇପାରି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# କ୍ରୀଡ଼ା ପ୍ରାଧିକରଣ

ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୫ରୁ ୧୭ ତାରିଖ

ପର୍ଯ୍ୟନ୍ତ ଫିଟ୍ ଇଣ୍ଡିଆ କାର୍ଣ୍ଣିଭାଲ ୨୦୨୬ ଆୟୋଜନ ହେବ । ପୁରୀରେ ଅନୁଷ୍ଠିତ ହେବାକୁ ଥିବା ତିନିଦିନିଆ କାର୍ଣ୍ଣିଭାଲ ପାଇଁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଯୋଗ, ପ୍ରାଣାୟାମ, ଓ୍ୱାକାଥନ ସହ ଦୌଡ଼କୁଦ, ଫୁଟବଲ ଆଦି ଖେଳ ଆୟୋଜନ ହେବ । ମହିଳା ଓ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ବୈଠକରେ ମନ୍ତ୍ରୀ ଶ୍ରୀ ସୂରଜ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ସମ୍ବନ୍ଧରେ ଭାରତୀୟ ଖେଳ ପ୍ରାଧିକରଣର ଅଧିକାରୀମାନଙ୍କ ସହ ଆଲୋଚନ କରିଥିଲେ ।

## ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

ଓଏଏସ୍ ଏବଂ ଓଆର୍ଏସ୍ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବାକିଥିବା ତଦନ୍ତ ରିପୋର୍ଟ ଗୁଡ଼ିକ ଚଳିତମାସ ୩୧ ତାରିଖ ସୁଦ୍ଧା ଦାଖଲ କରିବା ଲାଗି ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶ ଦେଇଛି । ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ସମସ୍ତ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର ଓ କନ୍ଧମାଳ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ କଟକ-ସମ୍ବଲପୁର ଆର୍‌ଡିସିଙ୍କ ସଚିବଙ୍କୁ ପତ୍ର ଲେଖିଛନ୍ତି । ପୂର୍ବରୁ କୌଣସି ଅଭିଯୋଗର ତଦନ୍ତକାରୀ ଅଧିକାରୀ ନିଯୁକ୍ତି ହେବାର ୯୦ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ବ୍ୟବସ୍ଥା ରହିଛି ।

# ମା’ ତାରାତାରିଣୀଙ୍କ ଚୈତ୍ର ପର୍ବ

ଦକ୍ଷିଣ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା’ ତାରାତାରିଣୀଙ୍କ ପୀଠରେ ଆଜିଠାରୁ ଚୈତ୍ର ପର୍ବ ଆରମ୍ଭ ହୋଇଛି । ଚୈତ୍ରପର୍ବର ପ୍ରଥମ ମଙ୍ଗଳବାରରେ ମା’ ଭକ୍ତମାନଙ୍କୁ ମହାକାଳୀ ବେଶରେ ଦର୍ଶନ ଦେଉଛନ୍ତି । ସୂଚନା ଅନୁଯାୟୀ ରାତି ୨ଟାରେ ଦୁଆରଫିଟା ନୀତି ସମ୍ପନ୍ନ ହେବାପରେ ମଇଲମ ଲାଗି, ଅବକାଶ, ମଙ୍ଗଳଆଳତୀ ଓ ଶ୍ରୀଙ୍ଗାର ନୀତି କରାଯାଇଥିଲା । ଚୈତ୍ରପର୍ବ ନିମନ୍ତେ ହଜାରହଜାର ସଂଖ୍ୟାର ଶ୍ରଦ୍ଧାଳୁ ଓ ମାନସିକଧାରୀଙ୍କ ସମାଗମ ହୋଇଛି । ଏ ସମ୍ପର୍କରେ ତାରାତାରିଣୀ ପୀଠର ମୁଖ୍ୟ ପୂଜକ ବାବୁଜୀ ରଣା କହିଛନ୍ତି...

**V/O**

# କର୍ମଶାଳା ଉଦ୍‌ଘାଟନ

ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବାଲେଶ୍ୱର ଗସ୍ତରେ ଆସି ପ୍ରତିରକ୍ଷା ପ୍ରଦର୍ଶନ ଓ ବିକାଶ ସଂସ୍ଥା-ଡିଆର୍‌ଡିଓ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ‘ସୁଶ୍ରୀ’ ଶୀର୍ଷକ କର୍ମଶାଳାରେ ଚଳିତବର୍ଷର ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା । କର୍ମଶାଳାରେ ଡିଆର୍‌ଡିଓର ବିଭିନ୍ନ ପରୀକ୍ଷାଗାରାର ନିର୍ଦ୍ଦେଶକ ଏବଂ ଦେଶର ବିଭିନ୍ନ

ସ୍ଥାନରୁ ଆସିଥିବା ମହିଳା ବୈଜ୍ଞାନିକ ଓ ଗବେଷକମାନେ ଅଂଶଗ୍ରହଣ କରିଥିଲେ । ଶ୍ରୀମତୀ ଗର୍ଗ ପରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ ।

# ବିଏଡ୍ ଆଡମିଶନ

ଚଳିତ ଶିକ୍ଷାବର୍ଷରୁ ୪ ବର୍ଷିଆ ବିଏଡ୍ ପାଠ୍ୟକ୍ରମରେ ଆଡମିଶନ ପାଇଁ ପ୍ରବେଶିକା ପରୀକ୍ଷା ନିମନ୍ତେ ଆଜି ଆବେଦନର ଶେଷ ଦିନ ରହିଛି । ଉଚ୍ଚଶିକ୍ଷା ବିଭାଗର ସୂଚନା ଅନୁଯାୟୀ ରାଜ୍ୟର ୫ଟି ବିଶ୍ୱବିଦ୍ୟାଳୟ ଏବଂ ୮ଟି ସରକାରୀ ମହାବିଦ୍ୟାଳୟରେ ବିଏଡ୍ ପାଠ୍ୟକ୍ରମରେ ୧ହଜାର ୩୦୦ ଆସନରେ ନାମଲେଖା ପାଇଁ ଏନ୍.ସି.ଇ.ଟି ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ ଚୟନ କରାଯିବ । ପ୍ରବେଶିକା ପରୀକ୍ଷା ଆସନ୍ତା ଏପ୍ରିଲ ୧୭ ତାରିଖରେ ଅନୁଷ୍ଠିତ ହେବ । ଛାତ୍ରଛାତ୍ରୀମାନେ ପ୍ରବେଶିକା ପରୀକ୍ଷାଫଳ ଅନୁଯାୟୀ ସାମ୍ସ ପୋର୍ଟାଲରେ ଆବେଦନ କରିପାରିବେ । ତେବେ ୨ବର୍ଷିଆ ବିଏଡ୍, ଏମ୍ଏଡ୍ ଏବଂ ବିଏଚ୍ଏଡ୍ ପାଠ୍ୟକ୍ରମ ପାଇଁ ରାଜ୍ୟ ଚୟନ ବୋର୍ଡ ପ୍ରବେଶିକା ପରୀକ୍ଷା ଆୟୋଜନ କରିବ ।

# +୨ - ଇମ୍ପ୍ରୁଭମେଣ୍ଟ ପରୀକ୍ଷା

+୨ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ମାର୍କ ବୃଦ୍ଧି ଲାଗି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଚଳିତଥର ଇମ୍ପ୍ରୁଭମେଣ୍ଟ ପରୀକ୍ଷା ବ୍ୟବସ୍ଥା ଘୋଷଣା କରିଛନ୍ତି । ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଇଚ୍ଛୁକ

ପରୀକ୍ଷାର୍ଥୀ କମ୍ ମାର୍କ ରଖିଥିବା ଗୋଟିଏ ବିଷୟରେ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବେ । ପୂର୍ବରୁ କେବଳ ଫେଲ୍ ହୋଇଥିବା ଛାତ୍ରଛାତ୍ରୀମାନେ ଇନ୍ଷ୍ଟାଣ୍ଟ ପରୀକ୍ଷା ପାଇଁ ସୁଯୋଗ ପାଉଥିବବେଳେ ଚଳିତଥର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ଭଳି +୨ ପରୀକ୍ଷାର୍ଥୀଙ୍କ ପାଇଁ ମାର୍କ ବୃଦ୍ଧି ନେଇ ପରୀକ୍ଷା କରାଯିବ । ପରିଷଦର ସୂଚନା ଅନୁଯାୟୀ ୭୫ ପ୍ରତିଶତ ମାର୍କ ରହୁ ନ ଥିବାରୁ ବହୁ ପରୀକ୍ଷାର୍ଥୀ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ ଅଂଶଗ୍ରହଣ କରିପାରୁ ନ ଥିବାରୁ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ସମୀକ୍ଷା ବୈଠକ

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍‌ର ଦ୍ୱିତୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ, ଶୈକ୍ଷିକ ପ୍ରକଳ୍ପର ଅଗ୍ରଗତି, ଶ୍ରେଣୀଗୃହ ପର୍ଯ୍ୟବେକ୍ଷଣ ଏବଂ ବିଦ୍ୟାର୍ଥୀମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଶିକ୍ଷାସୋପାନ ଓ ନିପୁଣ ବିଦ୍ୟାଳୟ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ନିମନ୍ତେ ଆଲୋଚନା ହୋଇଛି ।

## ବୈଠକ

ଖୋର୍ଦ୍ଧା ଜିଲ୍ଲା ସରକାରୀ କର୍ମଚାରୀ ସାଂସ୍କୃତିକ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ଆସନ୍ତା ୨୫

ତାରିଖ ଦିନ ନାଟକ 'ବଂଶ ବୈଭବ' ମଞ୍ଚସ୍ଥ ପାଇଁ ନିଷ୍ପତ୍ତି ହୋଇଛି । ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ଐତିହ୍ୟ, କଳା ଓ ସଂସ୍କୃତି ସମ୍ପନ୍ନ ଏକ ସାଂସ୍କୃତିକ ପତ୍ରିକା ପାଇଁ ମଧ୍ୟ ପଦକ୍ଷେପ ନେବାକୁ ସର୍ବସମ୍ମତିକ୍ରମେ ମତପ୍ରକାଶ ପାଇଥିଲା ।